ଆରବିଆଇ/୨୦୦୬-୦୭୭୯
ସିଏସ୍‌ଡି.ବିସଏସ୍.୫/୧୩.୩୩.୦୧/୨୦୦୫-୦୬

ଜୁଲାଇ ୨୦,୨୦୦୬

**ଅଧ୍ୟକ୍ଷ/ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ/ପରିଚାଳନା ନିର୍ଦ୍ଦେଶକ**
ସମସ୍ତ ବାଣିଜ୍ୟିକ ବ୍ୟାଙ୍କ
(ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ସହିତ)

ପ୍ରିୟ ମହାଶୟ/ମହାଶୟା,

**ୂ୨୦୦୬-୦୭ ବର୍ଷ ପାଇଁ ବାର୍ଷିକ ନୀତି ବିବରଣୀ -ଉତ୍ତମ କାର୍ଯ୍ୟନୀତି- ବ୍ୟାଙ୍କ ଦେୟ ପ୍ରଦର୍ଶନ**

ଦୟାକରି ଶୀର୍ଷକ ବିଷୟବସ୍ତୁ ଉପରେ ମେ ୧୬, ୨୦୦୬ ମସିହାରେ ଜାରୀକରାଯାଇଥିବା ଆମର ପରିପତ୍ର ଆରପିସିଡ଼ି.ବିଏସ୍. ୮୧ /୧୩.୩୩.୦୧/୨୦୦୫-୦୬ ଦେଖନ୍ତୁ ଯେଉଁଥିରେ ବ୍ୟାଙ୍କ ଦେୟ ବିଷୟରେ ଆପଣଙ୍କର ୱେବସାଇଟ୍ ମାଧ୍ୟମରେ ସୂଚନା ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଆମେ ନିର୍ଦ୍ଦେଶ ଦେଉଛୁ ଯେ ସେବା ଦେୟ ଓ ଶୁଳ୍କ ସମ୍ବନ୍ଧୀୟ ସୂଚନା 'ସେବା ଦେୟ ଓ ଶୁଳ୍କ' ଶୀର୍ଷକ ନିମ୍ନରେ ଗ୍ରାହକ ମାନଙ୍କର ସହଜ ସୂଚନା ପ୍ରାପ୍ତି ନିମନ୍ତେ ଆପଣଙ୍କ ୱେବସାଇଟରେ ପ୍ରଥମ ପୃଷ୍ଠାରେ ସ୍ଥାନୀତ ହେବା ଆବଶ୍ୟକ ।

୨. ଆମେ ଏହା ମଧ୍ୟ ନିର୍ଦ୍ଦେଶ ଦେଉଛୁ ଯେ, ଅଭିଯୋଗ ନିରାକରଣ ପାଇଁ କେନ୍ଦ୍ରୀୟ ଅଧିକାରୀଙ୍କ ନାମ ଥାଇ ଏକ ଅଭିଯୋଗ ଫର୍ମ ଗ୍ରାହକ ମାନଙ୍କର ଅଭିଯୋଗ ଗ୍ରହଣ ନିମନ୍ତେ ୱେବସାଇଟରେ ପ୍ରଥମ ପୃଷ୍ଠାରେ ସ୍ଥାନୀତ ହେବା ଉଚିତ୍ । ଅଭିଯୋଗ ଫର୍ମରେ ଏହା ଉଲ୍ଲେଖ ରହିବା ଉଚିତ ଯେ ଅଭିଯୋଗ ନିରାକରଣ ବ୍ୟାଙ୍କ ସ୍ତରରେ ହୋଇପାରିବ ଏବଂ ଏକମାସ ଭିତରେ ଏହା ନହୋଇ ପାରିଲେ, ଅଭିଯୋଗକାରୀ ବ୍ୟାଙ୍କିଙ୍ଗ ଲୋକପାଳଙ୍କ ସହ ଯୋଗାଯୋଗ କରିପାରିବେ। ଏହି ଭଳି ସୂଚନା ସହ ବ୍ୟାଙ୍କିଙ୍ଗ ଲୋକପାଳଙ୍କ ନାମ ଓ ଠିକଣା ଗ୍ରାହକ ମାନଙ୍କର ଅବଗତ ନିମନ୍ତେ ବ୍ୟାଙ୍କ ଶାଖା ମାନଙ୍କର ପ୍ରଦର୍ଶିତ ହେବ। ଏଥିସହ ବ୍ୟାଙ୍କ ମାନଙ୍କର ନିୟନ୍ତ୍ରକ ଅଧିକାରୀ ମାନଙ୍କର ନାମ, ଠିକଣା ଓ ଟେଲିଫୋନ ନମ୍ବର ମଧ୍ୟ ଶାଖାମାନଙ୍କରେ ପ୍ରଦର୍ଶିତ ହେବ, ଯାହାଙ୍କୁ ଅଭିଯୋଗକାରୀ ମାନେ ସେମାନଙ୍କର ଅଭିଯୋଗ କରିପାରିବେ ।

୩. ରିଜର୍ଭ ବ୍ୟାଙ୍କର ୱେବସାଇଟରେ ସମସ୍ତ ବ୍ୟାଙ୍କ ମାନଙ୍କର ଏକ ସଂଯୋଗ ରହିବ, ଯାହାଦ୍ୱାରା ଗ୍ରାହକ ମାନେ ବ୍ୟାଙ୍କମାନଙ୍କର ସେବା ଦେୟ ବିଷୟରେ ଅବଗତ ହୋଇପାରିବେ ।

୪. ଏହି ବିଷୟରେ ଆପଣ ନେଇଥିବା ପଦକ୍ଷେପ ବିଷୟରେ ଆମକୁ ସୂଚିତ କରନ୍ତୁ।

୫. ଦୟାକରି ପ୍ରାପ୍ତି ସ୍ୱୀକାର କରନ୍ତୁ ।

ଆପଣଙ୍କର ବିଶ୍ୱସ୍ତ

**କାଜା ସୁଧାକର**

ମୁଖ୍ୟ ମହାପ୍ରବନ୍ଧକ